ପ୍ରମେୟ
THE PRAMEYA

BRAHMAPUR 28 Sep, 2026

# ମୁଖଗହ୍ୱର କର୍କଟ ରୋଗର ଚିକିତ୍ସା

## ପାଞ୍ଚ ଗବେଷକଙ୍କ ଉଦ୍ୟମ, ସମ୍ଭାବ୍ୟ ଔଷଧ ପ୍ୟାଟେଣ୍ଟକୁ ଅନୁମୋଦନ

ଗୋପାଳପୁର, ୨୭।୯(ଆପ୍ର): ମୁଖଗହ୍ୱର କର୍କଟ ରୋଗର ଚିକିତ୍ସା ନିମନ୍ତେ ଏକ ସମ୍ଭାବ୍ୟ ଔଷଧ ଗବେଷଣା ଦିଗରେ ଆଉ ଏକ ସଫଳତା ମିଳିଛି। ଗବେଷକମାନେ ଏହି କର୍କଟ ରୋଗର ଚିକିତ୍ସା ପାଇଁ ସମ୍ଭାବ୍ୟ ଔଷଧ ଭାବେ 'କୋଟାର୍ନିନ୍ ଡେରିଭେଟିଭ୍'ର ଅନୁସନ୍ଧାନ କରିଛନ୍ତି। ଜନସ୍ୱାସ୍ଥ୍ୟ ପାଇଁ ଉତ୍ପାଦ ଦାବି ସହିତ ଫାର୍ମା ପେଟେଣ୍ଟକ୍ ଚୂଡ଼ାନ୍ତ ଅନୁମୋଦନ ମିଳିଛି। ପରବର୍ତ୍ତୀ ସମୟରେ ଏହାକୁ ଅଧିକ ପରୀକ୍ଷା ନିରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ବ୍ରହ୍ମପୁର ଆଇଜରର ପ୍ରଫେସର



ଲକ୍ଷ୍ମୀଧର ରାଉତ, ନିଟ୍ ରାଉରକେଲାର ପ୍ରଫେସର ହରେକୃଷ୍ଣ ସାହୁ, ଏସ୍.ବିଶ୍ୱାଳ, ବିବେକାନନ୍ଦ ମଲ୍ଲିକ, ଏଲ୍. ପୁଷ୍ଟି, ପି. ବେହେରାଙ୍କ ଦ୍ୱାରା ଆବିଷ୍କୃତ ହୋଇଛି। ଏହା ଦ୍ୱାରା ସାଧାରଣ ଲୋକଙ୍କ ପାଇଁ ମୁଖ ଗହ୍ୱର କର୍କଟ ରୋଗ ଚିକିତ୍ସା ଖର୍ଚ୍ଚ ହ୍ରାସ କରିବ ଏବଂ ଏହାକୁ ବାଣିଜ୍ୟିକ ବ୍ୟବହାର ପାଇଁ ପ୍ରସ୍ତୁତ କରାଯାଇପାରିବ। ଗବେଷକଙ୍କ କହିବାନୁସାରେ, କୋଟାର୍ନିନ୍ ଡେରିଭେଟିଭ୍ ହେଉଛି ଏକ ସ୍ଫଟିକାକାର ଟେଟ୍ରାହାଇଡ୍ରୋଆଇସୋକ୍ୱିନୋଲିନ୍ (ଟିଏଚ୍ଆଇକ୍ୟୁ) ଆଲକାଲଏଡ୍। ଯାହା ମୁଖ୍ୟତଃ ଅଫିମ୍ ଆଲକାଲଏଡ୍ ନୋସ୍କାପିନ୍‌ର ଅକ୍ସିଡେଟିଭ୍ ଡିଗ୍ରେଡେସନ୍ ଦ୍ୱାରା ଉତ୍ପନ୍ନ ହୁଏ। ନୋସ୍କାପିନ୍ ଅଫିମ୍ ଗଛରେ ମିଳୁଥିବା ଏକ ପ୍ରାକୃତିକ, ନିଶାହୀନ ଆଲକାଲଏଡ୍। ଅଫିମ୍‌ରେ ଏହା ମର୍ଫିନ୍ ପରେ ଦ୍ୱିତୀୟ ସର୍ବାଧିକ ଥିବା ଆଲ୍‌କାଏଏଡ୍, କିନ୍ତୁ ନିଶାକାରକ ନୁହେଁ। କୋଟାର୍ନିନ୍ ବହୁ ଶସ୍ତା ଏବଂ ନୋସ୍କାପିନ୍‌ରୁ ସହଜରେ ପ୍ରସ୍ତୁତ କରାଯାଇପାରେ ବୋଲି ଗବେଷକଙ୍କ ଅନୁସନ୍ଧାନ।